## ଛତ୍ରପୁରରୁ ଅପହରଣ, ଭୁବନେଶ୍ୱରରୁ ଉଦ୍ଧାର

ଛତ୍ରପୁର(ସନ୍ତୋଷ ପାଢ଼ୀ/ଦିଲୀପ ସାମଲ): ଛତ୍ରପୁରରୁ ଅପହରଣ କରାଯାଇଥିବା ଜଣେ ଯୁବକଙ୍କୁ ଭୁବନେଶ୍ୱରରୁ ଛତ୍ରପୁର ପୋଲିସ ଉଦ୍ଧାର କରିଛି। ଛତ୍ରପୁରର ଜଣେ ଯୁବକଙ୍କୁ ଅପହରଣ କରାଯାଇଥିବା ନେଇ ତାଙ୍କ ସ୍ତ୍ରୀ ଶୁକ୍ରବାର ଥାନାରେ ଏତଲା ଦେଇଥିଲେ। ପୋଲିସ ତଦନ୍ତ କରି ଭୁବନେଶ୍ୱରରୁ ଯୁବକଙ୍କୁ ଉଦ୍ଧାର କରିବାରେ ସକ୍ଷମ ହୋଇଥିଲା। ଛତ୍ରପୁର ଥାନା ଆଇଆଇସିଙ୍କୁ ଯୋଗାଯୋଗ କରିବାରେ ଏହାର ତଦନ୍ତ ଚାଲିଛି ଏବଂ ୧୬୪ ଧାରାରେ ବୟାନ ରେକର୍ଡ କରାଯିବ ବୋଲି କହିଛନ୍ତି। ଏହାପରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ସେ ସୂଚନା ଦେଇଛନ୍ତି।

### ଆଜି କ'ଣ କେଉଁଠି

ବ୍ରହ୍ମପୁର

- ମା' ଅଗ୍ନିବୀର ଛାତ୍ର ଓ ଅଭିଭାବଙ୍କୁ ସମ୍ବର୍ଦ୍ଧନା,ସ୍ଥାନ-ସାମନ୍ତରାୟ ଏକାଡେମୀ,ସମୟ-ପୂର୍ବାହ୍ନ ୧୧ଟା।
- ଖବରଦାତା ସମ୍ମିଳନୀ,ସ୍ଥାନ-ଗୋସାଣୀ ନୂଆ ଗାଁ ଜଗନ୍ନାଥ ମନ୍ଦିର,ସମୟ-ପୂର୍ବାହ୍ନ ୧୦ଟା।

### ସଂକ୍ଷେପରେ

## କ୍ଷୁଦ୍ରତମ ୱାର୍ଲଡ କପ ମଡେଲରେ ଟିମ୍ ଇଣ୍ଡିଆକୁ ଶୁଭେଚ୍ଛା



ବ୍ରହ୍ମପୁର,୭ା୧୦(ସ୍ମୃତି ରଞ୍ଜନ ମହାଲିକ): ଆଇସିସି ପୁରୁଷ କ୍ରିକେଟ ବିଶ୍ୱକପ୍ ନିମନ୍ତେ ବାଲୁକା ଶିଳ୍ପୀ ସତ୍ୟ ନାରାୟଣ ମହାରଣା ଭାରତୀୟ କ୍ରିକେଟ ଟିମକୁ ଶୁଭେଚ୍ଛା ଜଣାଇ କାଠ ଓ ଆଇସକ୍ରିମ ଷ୍ଟିକରେ ୩ଟି ୱାର୍ଲଡ କପ ମଡେଲ ତିଆରି କରିଛନ୍ତି। କାଠରେ ନିର୍ମିତ ହୋଇଥିବା ମଡେଲର ଉଚ୍ଚତା ୮ ମିମି ରହିଛି। ସେହିଭଳି କାଠରେ ନିର୍ମିତ ୱାର୍ଲଡ କପ୍ ଉଚ୍ଚତା ୨.୩ ସେଣ୍ଟି ମିଟର ରହିଛି। ସେହିପରି ଆଇସକ୍ରିମ ଷ୍ଟିକରେ ନିର୍ମିତ ୱାର୍ଲଡ କପ୍ ଉଚ୍ଚତା ୧.୨ ସେଣ୍ଟି ମିଟର ରହିଛି। ସେହିପରି ସତ୍ୟ କାଠରେ ୧ ସେଣ୍ଟି ମିଟର ଉଚ୍ଚତା ବିଶିଷ୍ଟ ତ୍ରିରଙ୍ଗା ପତାକା ନିର୍ମାଣ କରି ଶୁଭେଚ୍ଛା ଜଣାଇଛନ୍ତି। ଉକ୍ତ ୩ଟି କ୍ଷୁଦ୍ର ପ୍ରତିକୃତି ନିର୍ମାଣ କରିବାକୁ ତାଙ୍କୁ ୨ ଘଣ୍ଟା ସମୟ ଲାଗିଥିବା ସେ କହିଛନ୍ତି।

## ସରକାରୀ ଅର୍ଥ ଆତ୍ମସାତ ମାମଲା ଫେରାର ଅଭିଯୁକ୍ତ ଗିରଫ

ବ୍ରହ୍ମପୁର,୭ା୧୦(ସୁବାସ ଚନ୍ଦ୍ର ପାଢ଼ୀ): ସରକାରୀ ଅର୍ଥ ଆତ୍ମସାତ ମାମଲାର ଫେରାର ଅଭିଯୁକ୍ତ ୱାରେଣ୍ଟ ବଳରେ ଗିରଫ ହୋଇଛନ୍ତି। ଅଭିଯୁକ୍ତ ଜଣଙ୍କ କନ୍ଧମାଳ ଫିରିଙ୍ଗିଆ ଥାନା ଅନ୍ତର୍ଗତ ଭୁରୁଙ୍ଗିଯୋଡି ଗ୍ରାମ ପଞ୍ଚାୟତର ପୂର୍ବତନ ଗ୍ରାମ ସଂଯୋଜକ ତେଲେଶ୍ୱର କହଁର। ଏନେଇ ବ୍ରହ୍ମପୁର ଭିଜିଲାନ୍ସ ପିପି ଗଣେଶ ଚନ୍ଦ୍ର ପ୍ରଧାନ ସୂଚନା ଦେଇଛନ୍ତି। ଶନିବାର ତାଙ୍କୁ କୋର୍ଟ ଚାଲାଣ କରାଯାଇଛି। ପ୍ରକାଶ ଯେ, ୨୦୧୨ରେ ଫିରିଙ୍ଗିଆ ବ୍ଲକ ଅନ୍ତର୍ଗତ ଭୁରୁଙ୍ଗିଯୋଡି ପଞ୍ଚାୟତର ଗ୍ରାମ ସଂଯୋଜକ ଥିଲେ ତେଲେଶ୍ୱର। ସେହି ସମୟରେ ମନରେଗା ଯୋଜନାରେ ଗ୍ରାମାଞ୍ଚଳର ବିକାଶ ପାଇଁ ଆସିଥିବା ଅନୁଦାନ ଟଙ୍କାରୁ ୨ ଲକ୍ଷ ୫୯ହଜାର ୧୩୦ ଟଙ୍କା ଆତ୍ମସାତ ହୋଇଥିଲା। ଅଭିଯୋଗ ପରେ ବ୍ରହ୍ମପୁର ଭିଜିଲାନ୍ସ ତେଲେଶ୍ୱର କହଁରଙ୍କ ବିରୋଧରେ ମାମଲା ରୁଜୁ କରିଥିଲା। କୋର୍ଟରେ ହାଜର ପାଇଁ ତାଙ୍କୁ ବାରମ୍ବାର ନୋଟିସ ଦିଆଯାଇଥିଲା। ସେ ବିଚାରରେ ସହଯୋଗ ନ କରିବାରୁ ତାଙ୍କ ବିରୋଧରେ କୋର୍ଟ ୱାରେଣ୍ଟ ଜାରି କରିଥିଲେ। ଫେରାର ଥିବା ଅଭିଯୁକ୍ତ ତେଲେଶ୍ୱରଙ୍କୁ ଶୁକ୍ରବାର ରାତିରେ ଗିରଫ କରାଯାଇଛି।

## ଗଞ୍ଜେଇ ଜବତ, ମହିଳାଙ୍କ ସମେତ ୨ ଗିରଫ

ଫିରିଙ୍ଗିଆ, ୭ା୧୦(ବିକ୍ରମ ଦିଗାଲ) ଫିରିଙ୍ଗିଆ ପୋଲିସ ଶନିବାର ପାଟ୍ରୋଲିଂ କରିଥିବା ବେଳେ ଏକ ଅଟୋରୁ ୫୦ କେଜି ୪୦୦ଗ୍ରାମ ଗଞ୍ଜେଇ ଜବତ କରିଛି। ଏଥିରେ ସମ୍ପୃକ୍ତ ଅଭିଯୋଗରେ ଫିରିଙ୍ଗିଆ ଥାନା ଡିମିରିଗୁଡ଼ା ଗାଁର ସୁପ୍ରିୟା ଦିଗାଲ ଓ ଫୁଲବାଣୀ ସଦର ଥାନା ଅନ୍ତର୍ଗତ ବୋଇଡା ଗାଁର ସୁବଳ କହଁରଙ୍କୁ ଫୁଲବାଣୀ କୋର୍ଟକୁ ଚାଲାଣ କରାଯାଇଛି। ପୋଲିସ ଅଟୋକୁ ଜବତ କରିବା ସହ ନଂ. ୧୭୦/୨୩ରେ ମାମଲା ରୁଜୁ କରିଥିବା ଫିରିଙ୍ଗିଆ ଥାନା ଅଧିକାରୀ ରମେଶ କୁମାର ପ୍ରଧାନ କହିଛନ୍ତି। ଅଭିଯୁକ୍ତମାନେ ଗଞ୍ଜେଇ ଫିରିଙ୍ଗିଆରୁ ଭୁବନେଶ୍ୱର ଚାଲାଣ କରୁଥିବା ପୋଲିସ କହିଛି।

## ନୂତନ ତହସିଲଦାରଙ୍କ ଦାୟିତ୍ୱ ଗ୍ରହଣ

ଦିଗପହଣ୍ଡି,୭ା୧୦(ଅଶେଷ ନାଥ ମିଶ୍ର) ଦିଗପହଣ୍ଡି ତହସିଲ କାର୍ଯ୍ୟାଳୟରେ ନୂତନ ତହସିଲଦାର ଭାବେ ଅଶୋକ କୁମାର ତ୍ରିପାଠୀ ଦାୟିତ୍ୱ ଗ୍ରହଣ କରିଛନ୍ତି। ପୂର୍ବରୁ ସେ ରାୟଗଡ଼ା ଜିଲାର ଚନ୍ଦ୍ରପୁର ତହସିଲଦାର ଭାବେ କାର୍ଯ୍ୟ ତୁଲାଇ ଆସୁଥିଲେ। ଦିଗପହଣ୍ଡି ତହସିଲଦାର ସିପକ କୁମାର ପାତ୍ରଙ୍କ ଠାରୁ ସେ ଏହି ଦାୟିତ୍ୱ ନେଇଛନ୍ତି। କାର୍ଯ୍ୟରତ ସମସ୍ତ ରାଜସ୍ୱ କର୍ମଚାରୀ ତାଙ୍କୁ ସ୍ୱାଗତ ଜଣାଇଥିଲେ।

# ମିଳେଇଯାଉଛି ଇଟା, ପିଲରରେ ଦିଶୁଛି ଛଡ଼

### ଏମିତି ଚାଲିଛି ରାଜ୍ୟ ପଣ୍ୟାଗାର ନିଗମ କାର୍ଯ୍ୟାଳୟ କାମ

ଫୁଲବାଣୀ,୭ା୧୦(ରାକେଶ କୁମାର ରାଉତ)

କନ୍ଧମାଳ ଜିଲା ଫୁଲବାଣୀ ଷ୍ଟାଡିୟମ ସମ୍ମୁଖରେ ରହିଛି ରାଜ୍ୟ ପଣ୍ୟାଗାର ନିଗମ (ଓଏସ୍‌ଡବ୍ଲୁସି)ର କାର୍ଯ୍ୟାଳୟ। କିଛିଦିନ ହେବ ଏହାର ପାଚେରି ନିର୍ମାଣ କାର୍ଯ୍ୟ ଚାଲିଛି । ହେଲେ କାମ ଏତେ ନିମ୍ନମାନର ହେଉଛି ଯେ ସରକାରଙ୍କର ଲକ୍ଷ ଲକ୍ଷ ଟଙ୍କା ପାଣିରେ ପଡିବାକୁ ଯାଉଛି। ପାଚେରୀ କାମରେ ଲାଗିଥିବା ଇଟା ମିଳେଇ ଯାଉଛି । ଯେଉଁ ପିଲର (କଲମ) ତିଆରି ହୋଇଛି ତାହା ମଧ୍ୟ ଅତ୍ୟନ୍ତ ନିମ୍ନମାନର । ପିଲରରେ ଛଡ଼ ଦେଖାଯାଉଛି। କୌଣସି ଅଧିକାରୀ ଅବା ଯନ୍ତ୍ରୀ କାମ ଦେଖିବାକୁ ଆସୁନାହାନ୍ତି। ଏହି ପଣ୍ୟାଗାର ନିଗମ କାର୍ଯ୍ୟାଳୟ ପାଚେରୀ ନ ଥିବାରୁ ଅନେକ ସମୟରେ ଅସାମାଜିକ ବ୍ୟକ୍ତି ସେଠାରେ ଆଡ୍ଡା ଜମାଇ ଆସୁଥିଲେ। ଏହାକୁ ଦୃଷ୍ଟିରେ ରଖି ବିଭାଗ ପାଚେରୀ ନିର୍ମାଣ ପାଇଁ ପଦକ୍ଷେପ ନେଇଥିଲା । ଏହି କାମ କରିବା ପାଇଁ କଳାହାଣ୍ଡି ଜିଲା ଭବାନୀପାଟଣାର ଜଣେ



ନିମ୍ନମାନର ପିଲର।

ଠିକାଦାର ଟେଣ୍ଡର ପାଇଛନ୍ତି। ପ୍ରାୟ ୨ ମାସ ହେବ କାମ ଆରମ୍ଭ ହୋଇଥିଲେ ମଧ୍ୟ କାମର ମାନକୁ ନେଇ ଏବେ ପ୍ରଶ୍ନ ଉଠିଛି । କାମର ତଦାରଖ ଦାୟିତ୍ୱରେ ଫୁଲବାଣୀରେ କେହି ଅଧିକାରୀ ରହୁ ନ ଥିବାରୁ ଠିକାଦାର ମନଇଚ୍ଛା କାମ କରୁଛନ୍ତି। ବିଭାଗୀୟ ଯନ୍ତ୍ରୀ ଥରେ ଆସି ଆଉଟଲେଟ ଦେବା ପରେ ଆଉ ଦେଖାନାହାନ୍ତି। ଠିକାଦାର ବି ଏଠାରେ ରହୁ ନ ଥିବାରୁ ନିୟୋଜିତ ଶ୍ରମିକମାନେ ନିଜ ଇଚ୍ଛାରେ କାମ କରୁଛନ୍ତି। କାର୍ଯ୍ୟାଳୟର ଉପର ପାର୍ଶ୍ୱରେ ପାହାଡ ରହିଛି। ବର୍ଷାଜଳ ଅଧିକ ପରିମାଣରେ ହେଲେ ଏହି ପିଲର ଏବଂ ପାଚେରୀ ଭୁଶୁଡ଼ିଯିବା ସମ୍ଭାବନା ରହିଛି । ତେଣୁ କାର୍ଯ୍ୟ ଠିକ ଭାବରେ କରାଯିବାକୁ ସାମାଜିକ କର୍ମୀ ଗିରିଶ ପଟ୍ଟନାୟକ ଦାବି କରିଛନ୍ତି। ସୂଚନାଯୋଗ୍ୟ, ୨୦୦୪ରେ ଫୁଲବାଣୀରେ ରାଜ୍ୟ ପଣ୍ୟାଗାର ନିଗମ କାର୍ଯ୍ୟାଳୟ ଉଦଘାଟିତ ହୋଇଥିଲା । ସେତେବେଳର ନିଗମ ଅଧ୍ୟକ୍ଷ ତଥା ଟିଟିଲାଗଡ ବିଧାୟକ ଯୋଗେନ୍ଦ୍ର ବେହେରା ଏହାକୁ ଉଦ୍‌ଘାଟନ କରିଥିଲେ । ଏହି ନିଗମ ସରକାରୀ ଏବଂ ବେସରକାରୀ ଅନୁଷ୍ଠାନକୁ ଘରଭଡା ଦେଉଥିଲା । ପ୍ରଥମେ ଜିଲା ଯୋଗାଣ ବିଭାଗ ଏହାର ସମସ୍ତ ଗୃହକୁ ଭଡାରେ ନେଇଥିଲା । ୨୦୨୧ରେ ଏଠାରେ ଚାଉଳ ଘୋଟାଲା ହୋଇଥିଲା। ସେତବେଳେ ଦାୟିତ୍ୱରେ ଥିବା ପଣ୍ୟାଗାର ଅଧୀକ୍ଷକ (ସୁପରିଣ୍ଟେଣ୍ଡେଣ୍ଟ) ନିଲମ୍ବିତ ହୋଇଥିଲେ। ସେବେଠାରୁ ଏହାର ଗୋଦାମଗୃହ ଖାଲି ପଡିଥିଲା। କିଛି ଦିନ ପରେ ଟିଡିସିସି(ଆଦିବାସୀ ଉନ୍ନୟନ ସମବାୟ ନିଗମ/ଟ୍ରାଇବାଲ ଡେଭଲପମେଣ୍ଟ କୋଅପରେଟିଭ କର୍ପୋରେଶନ) ଏଠାରେ ଥିବା ୩ଟି ଗୋଦାମରୁ ଗୋଟିଏ ନେଇଛି। ସେଠାରେ ଏବେ ମାଣ୍ଡିଆ ମହଜୁଦ ରହିଛି।

### ସେଲ୍ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

bmpselfie@gmail.com



@ ରୁଦ୍ରପ୍ରସାଦ

ଆପଣମାନେ ପରିବାର ସଦସ୍ୟ, ସାଙ୍ଗ କିମ୍ବା ସମ୍ପର୍କୀୟଙ୍କ ଗହଣରେ ଉଠାଉଥିବା ସେଲ୍‌ଫିକୁ ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ନିଯୁକ୍ତି ସନ୍ଧାନ ପରାମର୍ଶ ବୈଠକ

ଆସିକା,୭ା୧୦ (ସୁରେନ୍ଦ୍ର ନାଥ ସାହୁ): ଆସିକା ବିଜ୍ଞାନ ମହାବିଦ୍ୟାଳୟ ଯୁକ୍ତ ୨ ଓ ଧନ୍ଦାମୂଳକ ଛାତ୍ରୀଛାତ୍ରଙ୍କ ଲାଗି ନିଯୁକ୍ତି ସନ୍ଧାନ ପରାମର୍ଶ ବୈଠକ ଅନୁଷ୍ଠିତ ହୋଇଥିଲା। ଶନିବାର ମଧ୍ୟାହ୍ନରେ କଲେଜ ପରିସରରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅଧ୍ୟକ୍ଷ ଡ. ଜୀବାନନ୍ଦ ତ୍ରିପାଠୀ ଅଧ୍ୟକ୍ଷତା କରିଥିଲେ। ଆଇ ଡ୍ରିମ୍ ଯୋଜନା ଓ ହିରୋ ଫାଇନାନସିଆଲ୍ ନିଗମ ସହାୟତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ନିଯୁକ୍ତି ପରାମର୍ଶଦାତା ରୂପେ ଦିପାଳୀ କ୍ଷେତ୍ର ପାଳ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ସେମାନଙ୍କ ଯୋଗ୍ୟତା ମୁତାବକ ନିଯୁକ୍ତି ସୁଯୋଗ ସମ୍ପର୍କରେ ପ୍ରୋଜେକ୍ଟର ମାଧ୍ୟମରେ ସୂଚନା ପ୍ରଦାନ କରିଥିଲେ। ଛାତ୍ରୀଛାତ୍ର ସେମାନଙ୍କ ଯୋଗ୍ୟତାକୁ ମାନସିକସ୍ତରରେ ମୂଲ୍ୟାଙ୍କନ କରି ଯୋଗ୍ୟତା ମୁତାବକ ଚାକିରି ଏବଂ ବ୍ୟକ୍ତିତ୍ୱର ବିକାଶ ପାଇଁ ଯେଭଳି ତତ୍ପର ହୋଇପାରିବେ ସେ ସମ୍ପର୍କରେ ଆଲୋଚନା କରାଯାଇଥିଲା । ନିଯୁକ୍ତି ସୁବିଧା ଲାଗି ଛାତ୍ରୀଛାତ୍ର ମୋବାଇଲ ଆପରେ ନାମ, ଯୋଗ୍ୟତା ଓ ବିଦ୍ୟାଳୟର ନାମ ପଞ୍ଜିକୃତ କରିବା ଲାଗି ପରାମର୍ଶ ଦିଆଯାଇଥିଲା । ଏହାଦ୍ୱାରା ସେମାନେ ବିଭିନ୍ନ ସ୍ତରରୁ ୫୫୦ ପ୍ରକାରର ନିଯୁକ୍ତି ମୋବାଇଲ ଡ୍ୟାସବୋର୍ଡରେ ପାଇପାରିବେ ବୋଲି ସୂଚନା ଦିଆଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ କର୍ଣ୍ଣେଲ ବିନୟ କ୍ଷେତ୍ରପାଳ, ମେଜର ଡ. ଶଙ୍କର ପ୍ରସାଦ ଅଧିକାରୀ, ସାଇ କୁମାର ସ୍ୱାମୀ ପ୍ରମୁଖ ମଞ୍ଚାସୀନ ଥିଲା ବେଳେ ଅଧ୍ୟାପକ ସରୋଜ କୁମାର ପଣ୍ଡା, ରାଜେଶ କୁମାର ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

## ଛତ୍ରପୁରର ସମସ୍ତ ରାସ୍ତାର ହେବ ଉନ୍ନତୀକରଣ

ଛତ୍ରପୁର,୭ା୧୦(ସନ୍ତୋଷ ପାଢ଼ୀ): ଗଞ୍ଜାମ ଜିଲା ହେଡକ୍ୱାର୍ଟର ଛତ୍ରପୁର ସହରର ବିଭିନ୍ନ ରାସ୍ତା ଖାଲଖମା ଓ କଦର୍ଯ୍ୟ ଅବସ୍ଥାରେ ଅଛି। ତେବେ ଛତ୍ରପୁର ସହରର ସମସ୍ତ ରାସ୍ତାର ଉନ୍ନତିକରଣ କରାଯିବ । ରାସ୍ତା ଓ କୋଠାବାଡି ବିଭାଗ ପକ୍ଷରୁ ଏନେଇ ଟେଣ୍ଡର ହୋଇଥିବା ସୂଚନା ଦିଆଯାଇଛି । ସୂଚନା ଅନୁସାରେ ଛତ୍ରପୁର ଲୋଏର ବସଷ୍ଟାଣ୍ଡ ଭାୟା ଦେବୀନଗରର ରାସ୍ତା, ସରକାରୀ ବାଳିକା ହାଇସ୍କୁଲରୁ ଶାନ୍ତିନଗର, ଅପର ବସଷ୍ଟାଣ୍ଡ ଠାରୁ ଡିଆରଡିଏ ଛକ, ଡିଆରଡିଏ ଛକଠାରୁ ଛତ୍ରପୁର ରେଲୱେ ଷ୍ଟେସନ ପର୍ଯ୍ୟନ୍ତ ରାସ୍ତା, କଲେଜ ଛକଠାରୁ ରିକାଲପଲୀ ଛକ ପର୍ଯ୍ୟନ୍ତ ରାସ୍ତା, ଅନସ୍ଲୋ ହାଇସ୍କୁଲ ଠାରୁ କୋର୍ଟ ଷ୍ଟେସନ ପର୍ଯ୍ୟନ୍ତ ରାସ୍ତାର ଉନ୍ନତିକରଣ ହେବ। ଏଥିସହ କାଳିଆବାଲି-ମାଟିଖାଲ ରାସ୍ତା ଏବଂ ପୋଟଲାମପୁର ଠାରୁ ବଡମାଧପୁର ରାସ୍ତାର ମଧ୍ୟ ଉନ୍ନତିକରଣ କରାଯିବ ବୋଲି ସୂଚନା ମିଳିଛି । ଏଥିନିମନ୍ତେ ୧୨୫.୯୮ ଲକ୍ଷ ଟଙ୍କା ବ୍ୟୟ ଅଟକଳ କରାଯାଇଛି । ଏଥିସହ ଚଳିତ ବର୍ଷ ଜାତୀୟ ରାଜପଥ ବିଭାଗ ପକ୍ଷରୁ ରମ୍ଭପୁର ଠାରୁ ନରେନ୍ଦ୍ରପୁର ଗ୍ରାମ ପର୍ଯ୍ୟନ୍ତ ୧୩.୫୧ କି.ମି. ବାଇପାସ ରାସ୍ତା ନିର୍ମାଣ କାର୍ଯ୍ୟ ଚାଲିଥିବା ସୂଚନା ଦିଆଯାଇଛି।

### ଜିଆର୍‌ଏସ୍ ହତ୍ୟାକାଣ୍ଡ ମାମଲା, ପ୍ରେମ ବ୍ୟାପାର ସନ୍ଦେହ

## ୪ଦିନ ପରେ ବି ପୋଲିସ ହାତ ଖାଲି, ଏସ୍‌ପି କଲେ ତଦାରଖ

କୋଦଳା,୭ା୧୦(ଅମିତ କୁମାର ପଟ୍ଟନାୟକ) ବେଗୁନିଆପଡା ଥାନା ଅନ୍ତର୍ଗତ କନିଆଚିବିଡି ଗ୍ରାମରେ ଗତ ୩ତାରିଖ ରାତିରେ ସାନଉସ୍ତାପଡ଼ା ପଞ୍ଚାୟତ ଜିଆରଏସ ସୁଶୀଲ କୁମାର ମହାନ୍ତିଙ୍କୁ ହତ୍ୟା କରାଯାଇଥିଲା। ଏହି ଘଟଣାର ଚାରିଦିନ ବିତିଯାଇଥିଲେ ବି ପୋଲିସ କୌଣସି ସୁରାକ ପାଇନାହିଁ। ଘଟଣା ପରେ ପୋଲିସ ଗ୍ରାମର ତିନିଜଣଙ୍କୁ ପଚରାଉଚରା କରି ଛାଡି ଦେଇଛି। ଘଟଣାଟି ପ୍ରେମ ବ୍ୟାପାରକୁ ନେଇ ଘଟିଥିବା ସନ୍ଦେହରେ ପୋଲିସ ତଦନ୍ତ କରୁଛି। ଏନେଇ କିଛି ମହିଳା ଏବଂ ଅନ୍ୟମାନଙ୍କୁ ବାରମ୍ବାର ଜେରା କରୁଥିବା ସହ ଘଟଣା ଦିନର ମୃତ ଜିଆରଏସ ସୁଶୀଲ ଏବଂ କିଛି ବ୍ୟକ୍ତିଙ୍କ ଫୋନ କଲକୁ ମଧ୍ୟ ଯାଞ୍ଚ କରୁଛି ପୋଲିସ। ଅନ୍ୟପଟେ ଜିଆରଏସ ମୃତ୍ୟୁ ଘଟଣାକୁ ଗଞ୍ଜାମ ଏସ୍‌ପି ଜଗମୋହନ ମିନା ଶନିବାର ବେଗୁନିଆପଡା ଥାନାକୁ ଆସି ପୁରୁଷୋତ୍ତମପୁର ଏସଡିପିଓ ରଜନୀକାନ୍ତ ସାମଲ ଏବଂ ନୂତନ ଭାବେ ଯୋଗଦେଇଥିବା ବେଗୁନିଆପଡା ଥାନାଧିକାରୀ ମଞ୍ଜରୀ ନାୟକଙ୍କ ସହ ଆଲୋଚନା କରିବା ସହ ତଦନ୍ତ ପ୍ରକ୍ରିୟା ତଦାରଖ କରିଥିଲେ। ଜିଆରଏସ ସୁଶୀଲଙ୍କୁ ୩ତାରିଖରେ ହାଣିବା ସହ ଏସିଡ ପକାଇ ନିର୍ମମ ହତ୍ୟା କରାଯାଇଥିଲା।

# ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ

ପାରଳାଖେମୁଣ୍ଡି,୭ା୧୦ (ଗିରିଧାରୀ ପରିଛା):



ସ୍ଥାନୀୟ ସ୍ନାତକ ମହିଳା ମହାବିଦ୍ୟାଳୟ ପରିସରରେ 'ସ୍ୱଚ୍ଛତା ହିଁ ସେବା' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲା ପରିମଳ ସଂଯୋଜକ ଜି. ସୁନୀଲ କୁମାର ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଜିଲାର ବିଭିନ୍ନ ବ୍ଲକ ଓ ପଞ୍ଚାୟତରୁ ଅଧ୍ୟୟନ ପାଇଁ ଆସୁଥିବା ଛାତ୍ରୀମାନଙ୍କୁ ପରିମଳ ଓ ସ୍ୱଚ୍ଛତା ପାଇଁ ସରକାରଙ୍କ ତରଫରୁ ପ୍ରଦାନ କରାଯାଉଥିବା ସୁବିଧା ସୁଯୋଗ ଓ ଅନୁଦାନ ସଂପର୍କରେ ଅବଗତ କରାଇ ସେମାନେ ଉପରୋକ୍ତ ସେବାର ଅଧିକାରୀ ହେଇପାରିଛନ୍ତି ନା ନାହିଁ ପଚାରି ବୁଝିଥିଲେ। ସଭାରେ ସଭାପତିତ୍ୱ କରିଥିବା ମହାବିଦ୍ୟାଳୟ ଅଧ୍ୟକ୍ଷା ଡ଼. ରୀନା ସାହୁ ପରିବେଶକୁ ସ୍ୱଚ୍ଛ ଓ ନିର୍ମଳ ରଖିବା ପାଇଁ ପରାମର୍ଶ ଦେଇଥିଲେ। ମହାବିଦ୍ୟାଳୟର ପରିସରରେ ସଫେଇ କାର୍ଯ୍ୟକ୍ରମ ହୋଇଥିଲା।

# ଖଟିଆରେ ବୁହା ହେଉଛନ୍ତି ରୋଗୀ



ରୋଗୀଙ୍କୁ ଖଟିଆରେ ବୋହି ନିଆଯାଉଛି।

ଖଜୁରିପଡ଼ା,୭ା୧୦(ବିଦୁର ବେହେରା)

କନ୍ଧମାଳ ଜିଲା ରାସ୍ତା ସମସ୍ୟାକୁ ନେଇ ଅହରହ ଦହଗଞ୍ଜ ହେଉଛି। ରାସ୍ତା ସମସ୍ୟା ପାଇଁ ଗାଡ଼ି ମଟର ଗାଁ ପର୍ଯ୍ୟନ୍ତ ନ ଯାଇ ପାରୁଥିବାରୁ ରୋଗୀ ମାନଙ୍କୁ ଖଟିଆରେ ବୁହା ହେଉଛି। ଏହା ଦେଖିବାକୁ ମିଳିଛି ଖଜୁରୀପଡ଼ା ବ୍ଲକ ଅନ୍ତର୍ଗତ ଦୁତୀମେଣ୍ଡି ପଞ୍ଚାୟତ ୧୦ ନଂ ୱାର୍ଡ଼ରେ। ଗଞ୍ଜୁପଦର ଗ୍ରାମର ସାମେଶ୍ୱର କହଁର ଦୀର୍ଘ ୨ବର୍ଷ ହେବ କୌଣସି ଏକ ଅଜଣା ରୋଗରେ ପୀଡିତ ଥିଲେ ବୋଲି ତାଙ୍କ ପୁଅ ନିରଞ୍ଜନ କହଁର କୁହନ୍ତି। ଗୁରୁବାର ସାମେଶ୍ୱରଙ୍କ ଦେହ ଅସୁସ୍ଥ ହେବାରୁ ତାଙ୍କୁ ଚିକିତ୍ସାଳୟ ନେବାକୁ ଆମ୍ବୁଲାନ୍ସକୁ ଡକାଗଲା। କିନ୍ତୁ ରାସ୍ତା ଖରାପ ଯୋଗୁ ଗାଁ ପର୍ଯ୍ୟନ୍ତ ଗାଡ଼ି ନ ଆସିବାରୁ ଗ୍ରାମବାସୀ ଖଟିଆରେ ବୋହି ରୋଗୀକୁ ଆମ୍ବୁଲାନ୍ସ ପର୍ଯ୍ୟନ୍ତ ଆଣିଥିଲେ। ସେଠାରୁ ଖଜୁରିପଡ଼ା ମେଡ଼ିକାଲରେ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ଫୁଲବାଣୀ ପଠାଯାଇଛି। ତେବେ ରାସ୍ତା ସମସ୍ୟା ଯୋଗୁ କେବଳ ଗଞ୍ଜୁପଦର ନୁହେଁ ଆଡାପାଯୁ ଗ୍ରାମବାସୀ ମଧ୍ୟ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏ ନେଇ ବାରମ୍ବାର ଖବର କାଗଜରେ ଖବର ପ୍ରକାଶ ପାଇଥିଲେ ସୁଦ୍ଧା ବ୍ଲକ ପ୍ରଶାସନ କିମ୍ବା ଜିଲା ପ୍ରଶାସନର ଚେତା ପସୁନି। ତେଣୁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଶୀଘ୍ର ରାସ୍ତା ଖଣ୍ଡେ ନିର୍ମାଣ କରିବା ପାଇଁ ଗ୍ରାମବାସୀ ଅନୁରୋଧ କରିଛନ୍ତି।

## ଶ୍ରୀଜଗନ୍ନାଥ ସେବା ସମବାୟ ସମିତି ଅସ୍ଥାୟୀ ଗୃହ ଉଦ୍‌ଘାଟିତ

**ରମ୍ଭା,୭ା୧୦(ବନବାସୀ ସେଠୀ):**

ଖଲ୍ଲିକୋଟ ବ୍ଲକ ଅଧୀନସ୍ଥ ସାବୁଲିଆ ଗ୍ରାମ ପଞ୍ଚାୟତର ଶ୍ରୀଜଗନ୍ନାଥ ସେବାସମବାୟ ସମିତିର ଅସ୍ଥାୟୀ ଗୃହ ବିଧାୟିକା ସୂର୍ଯ୍ୟମଣି ବୈଦ୍ୟ ଉଦ୍‌ଘାଟନ କରିଛନ୍ତି। ନିକଟରେ ବିଧାନସଭା ପ୍ରଶ୍ନ ଉତ୍ତର କାଳରେ ଦୀର୍ଘ ୩୬ ବର୍ଷ ଧରି ସାବୁଲିଆ ସେବା ସମବାୟ ସମିତି ଭଗ୍ନ ଗୃହର ପୁନଃରୁଦ୍ଧାର କେବେ ବୋଲି ପ୍ରଶ୍ନ ଉଠାଇଥିବା ଜଣାଇଥିଲେ। ଏହି ଗୃହକୁ ଉଦଘାଟନ କରି ଚାଷୀ ବା ସଦସ୍ୟମାନେ ବୈଠକ କରି ସରକାରଙ୍କ ପର୍ଯ୍ୟାୟ କ୍ରମେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟକ୍ରମର ଲାଭ ଉଠାଇବା ପାଇଁ ଜଣାଇଥିଲେ। ଉକ୍ତ ସଭାରେ ସରପଞ୍ଚ ଅହଲ୍ୟା ବେହେରା, ବ୍ରହ୍ମପୁର ବିସିସି ବ୍ୟାଙ୍କ ନିର୍ଦ୍ଦେଶକ ଚନ୍ଦ୍ରଶେଖର ନାହାକ, ମ୍ୟାନେଜେର ରବୀନ୍ଦ୍ର ସାହୁ, ସଭାପତି ଶିବରାମ ପାତ୍ର, ବିଷ୍ଣୁପ୍ରିୟା ନାୟକ, ବିଶ୍ୱରଞ୍ଜନ ଦାସ, ସମିତିସଭ୍ୟ ଅଞ୍ଜଳି ବେହେରା, ବିସିସି ବ୍ୟାଙ୍କ ନିର୍ଦ୍ଦେଶକ ରାମ ମୋହନ ପଣ୍ଡା, ପ୍ରକାଶ ଚନ୍ଦ୍ର ପଣ୍ଡା, ପବିତ୍ର ମୋହନ ପଲାଇ, ପଦ୍ମଚରଣ ଗୌଡ଼, ରଙ୍କନିଧି ପାତ୍ର, ଦୁର୍ଗାଚରଣ ସାହୁ ମଞ୍ଚାସୀନ ଥିଲେ। କିଶୋର ଚନ୍ଦ୍ର ସାହୁ ସଭା ପରିଚାଳନା କରିଥିବା ବେଳେ ଏମପି ପ୍ରତିନିଧି ରତ୍ନାକର ସାହୁ ସଂଯୋଜନା କରିଥିଲେ। ଶେଷରେ ୭ ଜଣ ଚାଷୀଙ୍କୁ ଋଣ ପ୍ରଦାନର ପାସବୁକ ସହ ଚେକ ପ୍ରଦାନ କରାଯାଇଥିଲା। ଶେଷରେ ସରପଞ୍ଚ ପ୍ରତିନିଧି ଶଶଧର ବେହେରା ଧନ୍ୟବାଦ ଦେଇଥିଲେ।

## ଗୋକର୍ଣ୍ଣପୁର ଶନି ମନ୍ଦିରରୁ ଚୋରି

ଦିଗପହଣ୍ଡି,୭ା୧୦(ଅଶେଷ ନାଥ ମିଶ୍ର)

ଦିଗପହଣ୍ଡି ବ୍ଲକ ଗୋକର୍ଣ୍ଣପୁର ଗ୍ରାମରେ ଥିବା ଶନିଶ୍ଚରଙ୍କ ମନ୍ଦିର ଭିତରେ ପଶି କୌଣସି ଦୁର୍ବୃତ୍ତ ଶୁକ୍ରବାର ରାତିରେ ନଗଦ ୫ ହଜାର ଟଙ୍କା ସମେତ ଅନ୍ୟ ମୂଲ୍ୟବାନ ପୂଜା ସାମଗ୍ରୀ ଚୋରାଇ ନେଇଛନ୍ତି। ତେବେ ଶନିଦେବଙ୍କ ମସ୍ତକରେ ଥିବା ରୁପା ମୁକୁଟଟିକୁ ଦୁର୍ବୃତ୍ତ ଜଣକ ନେବାପାଇଁ ବାହାର କରିଥିଲେ ମଧ୍ୟ ନେଇ ନପାରି ଫୋପାଡ଼ି ଚାଲିଯାଇଥିଲେ। ଏ ନେଇ ମନ୍ଦିର ପରିଚାଳକ ନୀଳମାଧବ ପଟ୍ଟନାୟକ ପୋଲିସରେ ଅଭିଯୋଗ କରିଛନ୍ତି।

## ଅପ୍ରାକୃତିକ ଯୌନସମ୍ପର୍କ ମାମଲା: ଅଭିଯୁକ୍ତଙ୍କୁ ଜେଲ

ବ୍ରହ୍ମପୁର,୭ା୧୦(ସୁବାସ ଚନ୍ଦ୍ର ପାଢ଼ୀ): ସ୍ୱତନ୍ତ୍ର ପୋକ୍ସ ଜଜ୍ ଶନିବାର ଏକ ଅପ୍ରାକୃତିକ ଯୌନ ସମ୍ପର୍କ ମାମଲାର ଚୂଡାନ୍ତ ରାୟ ପ୍ରକାଶ କରିଛନ୍ତି। ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ୫ବର୍ଷ ଜେଲ ଦଣ୍ଡରେ ଦଣ୍ଡିତ କରିଛନ୍ତି। ଅଭିଯୁକ୍ତ ଜଣଙ୍କ ହେଲେ ପ୍ରଶାନ୍ତ ପ୍ରଧାନ (୬୨)। ଏହା ସହିତ ୧୦ ହଜାର ଟଙ୍କା ଜରିମାନା ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଜରିମାନା ଅନାଦେୟ ଅତିରିକ୍ତ ୬ମାସ ସଶ୍ରମ କାରାଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ କରିଛନ୍ତି। ସେହିପରି ଜଜ୍ ପୀଡିତଙ୍କ ପରିବାରକୁ ୨ ଲକ୍ଷ ୬୨ହଜାର ୫୦୦ ଟଙ୍କା ସହାୟତା ରାଶି ପ୍ରଦାନ କରିବାକୁ ଜିଲା ଆଇନସେବା ପ୍ରାଧିକରଣ ସଚିବ (ଡ଼ିଏଲଏସଏ)ଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ପ୍ରକାଶ ଯେ, ୨୦୧୬ ଅକ୍ଟୋବର ୮ତାରିଖ ସନ୍ଧ୍ୟାରେ ତାରସିଂ ଥାନା ଅଞ୍ଚଳର ଜଣେ ନାବାଳକ ଟିଉସନରୁ ଘରକୁ ଫେରୁଥିଲେ। ଉକ୍ତ ଗ୍ରାମର ପ୍ରଶାନ୍ତ ପ୍ରଧାନ ନାବାଳକଙ୍କୁ ଘରକୁ ଡାକିଥିଲେ। ସେଠାରେ ବଳପୂର୍ବକ ତାଙ୍କ ସହ ଅପ୍ରାକୃତିକ ଯୌନ ସମ୍ପର୍କ ରଖିଥିଲେ। ଏନେଇ ଗ୍ରାମ ବୈଠକ ଅନୁଷ୍ଠିତ ହୋଇଥିବା ବେଳେ ଅଭିଯୁକ୍ତ ଜଣଙ୍କ ଏହାର ପ୍ରତିବାଦ କରିବା ସହ ପୀଡିତଙ୍କ ପରିବାର ଲୋକଙ୍କୁ ଧମକଚମକ ଦେଇଥିଲେ। ପୀଡିତଙ୍କ ବାପା ଏନେଇ ତାରସିଂ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ମାମଲା ରୁଜୁ କରି ଅଭିଯୁକ୍ତ ପ୍ରଶାନ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଏହି ମାମଲାର ବିଚାର ବେଳେ ୧୪ଜଣ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଥିଲା। ବିଚାରାଧୀନ ବନ୍ଦୀ ଭାବେ ଥିବା ଅଭିଯୁକ୍ତଙ୍କୁ ଶନିବାର କୋର୍ଟରେ ହାଜର କରାଯାଇଥିଲା। ସମସ୍ତ ସାକ୍ଷୀଙ୍କ ବୟାନକୁ ଆଧାର କରି ଜଜ୍ ଉପରୋକ୍ତ ରାୟ ପ୍ରକାଶ କରିଛନ୍ତି। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ନାରାୟଣ ପଣ୍ଡା ମକଦ୍ଦମା ପରିଚାଳନା କରୁଥିଲେ।

# ସଂକୀର୍ଣ୍ଣ ଡ୍ରେନ୍, ରାସ୍ତା ସମସ୍ୟାରେ ଅତିଷ୍ଠ କୈଳାସ ନଗରବାସୀ

ବ୍ରହ୍ମପୁର,୭ା୧୦(ସ୍ମୃତି ରଞ୍ଜନ ମହାଲିକ): ବ୍ରହ୍ମପୁର ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ ରାସ୍ତାର ଉନ୍ନତିକରଣ ସାଙ୍ଗକୁ ନୂତନ ଡ୍ରେନ ନିର୍ମାଣ, ମରାମତି କାର୍ଯ୍ୟ ମଧ୍ୟ ଜାରି ରହିଛି। ନିଗମ ପକ୍ଷରୁ ବିଭିନ୍ନ ୱାର୍ଡରେ ହେଉଥିବା ଉନ୍ନୟନମୂଳକ କାର୍ଯ୍ୟ ୧୦୦ ଦିନ ମଧ୍ୟରେ ସାରିବା ପାଇଁ ବିଏମସି କମିଶନରଙ୍କ ପକ୍ଷରୁ ନିର୍ଦ୍ଦେଶ ରହିଛି। ତଦନୁଯାୟୀ ବିଭିନ୍ନ ୱାର୍ଡରେ ଯୁଦ୍ଧକାଳୀନ ଭିତ୍ତିରେ ଉନ୍ନୟନମୂଳକ କାର୍ଯ୍ୟ ଜାରିରହିଛି। କିନ୍ତୁ ନିଗମର ଏଭଳି କିଛି ୱାର୍ଡ ରହିଛି, ଯେଉଁଠାରେ ଦୀର୍ଘ ବର୍ଷ ଧରି ଉନ୍ନତ ରାସ୍ତା ନ ଥିବା ବେଳେ ସଂକୀର୍ଣ୍ଣ ଡ୍ରେନ କାରଣରୁ ସ୍ଥାନୀୟ ବାସିନ୍ଦା ନାନା ସମସ୍ୟା ମଧ୍ୟରେ ଆଉଟୁ ପାଉଟୁ ହେଉଛନ୍ତି। ଏହାର ଜ୍ୱଳନ୍ତ ଉଦାହରଣ ହେଉଛି ୧ନଂ ୱାର୍ଡ ଅନ୍ତର୍ଗତ କୈଳାସ ନଗର ଦ୍ୱିତୀୟ ଲେନ। ଏହି ସାହିରେ ଆଜି ଯାଏଁ ଉନ୍ନତ ରାସ୍ତା ଓ ଡ୍ରେନ ମରାମତି ହେଉ ନ ଥିବା କାରଣରୁ ଲୋକେ



### ବିଏମ୍‌ସି କମିଶନରଙ୍କୁ ଦାବିପତ୍ର

ସମସ୍ୟାରେ ଅତିଷ୍ଠ ହୋଇପଡିଥିଲେ। ଏ ନେଇ ଶନିବାର ଉକ୍ତ ଅଞ୍ଚଳର ଲୋକେ ବିଏମସି କମିଶନରଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ସେଥିରେ ଉଲେଖ ରହିଛି ଯେ, ଏହି ସାହିରେ ୧ ଫୁଟ ଓସାର ବିଶିଷ୍ଟ ଏକ ସଂକୀର୍ଣ୍ଣ ଡ୍ରେନ ରହିଛି। ଫଳରେ ସାମାନ୍ୟ ବର୍ଷା ହେଲେ ଜଳ ନିଷ୍କାସନ ହୋଇପାରୁ ନାହିଁ। ଯାହାଦ୍ୱାରା ମଝି ରାସ୍ତା ଦୀର୍ଘ ଦିନ ଧରି ପାଣି ଜମି ରହୁଛି। ସ୍ଥାନୀୟ ବାସିନ୍ଦା ଯାତାୟତରେ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏପରିକି ସଂକୀର୍ଣ୍ଣ ଡ୍ରେନ କାରଣରୁ ନର୍ଦ୍ଦମା ପାଣି ନିଷ୍କାସନ ହୋଇପାରୁ ନାହିଁ। ମଶା ମାଛିଙ୍କ ପ୍ରାର୍ଦୁଭାବ ବୃଦ୍ଧି ପାଉଛି। ଏପରିକି ମଶା କାମୁଡା ଦ୍ୱାରା ସ୍ଥାନୀୟ ବାସିନ୍ଦା ଜ୍ୱରରେ ଆକ୍ରାନ୍ତ ହେଉଥିବା ଅଭିଯୋଗ ହୋଇଛି। ସେହିଭଳି ଉକ୍ତ ସାହିରେ ରାସ୍ତା ମଧ୍ୟ ଶୋଚନୀୟ ହୋଇରହିଛି। ଦୀର୍ଘ ୨ ବର୍ଷ ଧରି ରାସ୍ତା ମରାମତି ନ ହେବା କାରଣରୁ ସହର ମଧ୍ୟରେ ମାଟି ରାସ୍ତା ରହିଛି। ସେହିପରି ସାହିରେ ଷ୍ଟ୍ରିଟ ଲାଇଟ ଜଳୁ ନ ଥିବା କାରଣରୁ ଅସାମାଜିକ ଯୁବକଙ୍କ ଆଡ୍ଡା ଜମୁଛି। ସାହିରେ ରହିଥିବା ବିଭିନ୍ନ ସମସ୍ୟାକୁ ନେଇ ସ୍ଥାନୀୟ କର୍ପୋରେଟରଙ୍କୁ ବାରମ୍ବାର ଲିଖିତ ଅଭିଯୋଗ କରାଯାଇଥିଲେ ସୁଦ୍ଧା କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନ ଥିବା ସ୍ଥାନୀୟ ବାସିନ୍ଦା ଅଭିଯୋଗ କରିଛନ୍ତି। ଏଣୁ ବିଏମସି କମିଶନର ଅଞ୍ଚଳ ପରିଦର୍ଶନ କରି ସମସ୍ୟାର ସମାଧାନ କରିବା ପାଇଁ ସ୍ଥାନୀୟ ବାସିନ୍ଦା ଦାବି କରିଛନ୍ତି। ଦାବିପତ୍ର ପ୍ରଦାନ ସମୟରେ ଏସ୍ ଉମାଶଙ୍କର, କେ ସାନ୍ତା ରାଓ, ଶ୍ରୀନୁ ପାତ୍ର, ଦେବେନ୍ଦ୍ର ମଲିକ ଓ କୁଞ୍ଜ ସେଠୀଙ୍କ ସମେତ ବହୁ ସ୍ଥାନୀୟ ବାସିନ୍ଦା ଉପସ୍ଥିତ ଥିଲେ।

